ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ଶନିବାର, ନଭେମ୍ବର ୩୦/୨୦୧୯ Rayagada, Saturday, November. 30 / 2019

## ସଂକ୍ଷେପରେ

### ଜଳିଗଲା ଧାନଗଦା

ଟିକିରି, ୨୯।୧୧ (ଡି.ଏନ୍.ଏ.): କାଶୀପୁର ବ୍ଲକ ଡଙ୍ଗାସିଲ ପଞ୍ଚାୟତ ଅନ୍ତର୍ଗତ ବେଲଗଛ ଗ୍ରାମରେ ଏକ ଧାନ ଖଳାରେ ଅଗ୍ନିକାଣ୍ଡ ହୋଇଛି । ଫଳରେ ପ୍ରାୟ ୮ଟି ଧାନଗଦା ଏବଂ ଦୁଇଟି ମାଣ୍ଡିଆ, ସୁଆଁ ଗଦା ପୋଡି ନଷ୍ଟ ହୋଇଯାଇଛି। ଶୁକ୍ରବାର ଦ୍ୱିପ୍ରହରରେ କୌଣସି କାରଣରୁ ଧାନଖଳାରେ ନିଆଁ ଲାଗିଯାଇଥିଲା। ଗାଁଠାରୁ ଅଳ୍ପ ଦୂରରେ ଥିବା ଏହି ଖଳାରେ ନିଆଁ ଲାଗିଥିବା ଦେଖି ଗାଁ ଲୋକେ ପାଣି ଢ଼ାଳି ଲିଭାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ନିଆଁକୁ ଆୟତ୍ତ କରିପାରି ନ ଥିଲେ। ଘଟଣାସ୍ଥଳକୁ ଦମକଳ ଯିବା ପାଇଁ ସୁବିଧା ନ ଥିବାରୁ ସମସ୍ତ ଗଦା ପୋଡ଼ି ନଷ୍ଟ ହୋଇଯାଇଥିଲା। ଗ୍ରାମର ଉଦ୍ଧବ ନାଏକ, ଆନନ୍ଦ ନାଏକ, ସୁନାରି ନାଏକ, କାର୍ତ୍ତିକ ଜାନି, ଯୁଧିଷ୍ଠିର ନାଏକ, ରାଜେନ୍ଦ୍ର ନାଏକ ଏବଂ ନିକଟସ୍ଥ ଅଣସାର ଗ୍ରାମର ମଙ୍ଗଲୁ ମାଝିଙ୍କର କ୍ଷତି ହୋଇଛି । ଖବରପାଇ ଡ଼ଙ୍ଗାସିଲ ସରପଞ୍ଚ ନରସିଂହ ସାଉନ୍ତା ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧାନ କରିବା ସହ ତହସିଲ, ବିଡ଼ିଓ ଏବଂ ବୋସୁଗୁଡା ଥାନା ଅଧିକାରୀଙ୍କୁ ଜଣାଇଛନ୍ତି। ଦେଢ ଶହରୁ ଊର୍ଦ୍ଧ୍ୱ କୁଇଣ୍ଟାଲ ଧାନ ଓ ମାଣ୍ଡିଆ ନଷ୍ଟ ହୋଇଥିବା ଜଣାଯାଇଛି। କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ତୁରନ୍ତ ସରକାରୀ ସହାୟତା ଦେବା ପାଇଁ ସରପଞ୍ଚ ଙ୍କ ସହ ଗ୍ରାମବାସୀ ଦାବି କରିଛନ୍ତି।

### ସ୍ୱାସ୍ଥ୍ୟ, ପୁଷ୍ଟିର ବିକାଶ ନେଇ କର୍ମଶାଳା

ମୁନିଗୁଡ଼ା,୨୯।୧୧(ଡି.ଏନ୍.ଏ.): ଶିଶୁମାନଙ୍କର ଶାରୀରିକ ଏବଂ ମାନସିକ ଶକ୍ତିର ବିକାଶ ପାଇଁ ଗ୍ରାମାଞ୍ଚଳରେ ପ୍ରାକ୍ ବିଦ୍ୟାଳୟ ପୋଷଣ ସେବାର ଆବଶ୍ୟକତା ରହିଛି । ଏହି ମୌଳିକ ସେବାକୁ ପ୍ରତି ୩ ବର୍ଷରୁ ୬ ବର୍ଷ ବୟସର ପିଲାମାନଙ୍କ ନିକଟରେ ପହଞ୍ଚାଇବା ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ। ଶୁକ୍ରବାର ନ୍ୟୁହୋପ୍ ତାଲିମ କେନ୍ଦ୍ର ପରିସରରେ ଆୟୋଜିତ ସ୍ୱାସ୍ଥ୍ୟ ଓ ପୁଷ୍ଟିର ବିକାଶ ନିମନ୍ତେ ଜନ ପ୍ରତିନିଧିମାନଙ୍କର ବ୍ଲକସ୍ତରୀୟ କର୍ମଶାଳାରେ ଅତିଥିମାନେ ଏହା ମତବ୍ୟକ୍ତ କରିଛନ୍ତି । ରାୟଗଡ଼ା ଜିଲାର ମୁନିଗୁଡାଠାରେ ଶିକ୍ଷାସନ୍ଧାନ ପରିଚାଳନା ଏବଂ ଅଜୀମ ପ୍ରେମ୍‌ଜୀ ଫିଲାନ୍‌ଥ୍ରୋପିକ ଇନିସିଏଟିଭ୍ ସହାୟତାକ୍ରମେ ଏହା ଆୟୋଜିତ ହୋଇଥିଲା । ଉକ୍ତ କର୍ମଶାଳାରେ ବ୍ଲକର ସମୁଦାୟ ୪୦୦ ଗ୍ରାମ ମଧ୍ୟରୁ ସମନ୍ୱିତ ଶିଶୁ ବିକାଶ ଯୋଜନା ମାଧମରେ ମାତ୍ର ୧୭୭ ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ର ଚାଲିଛି । ଦେଢ଼ବର୍ଷ ହେବ ୧୦୦ କେନ୍ଦ୍ରରେ ଏହି ସୁବିଧାରୁ ବଞ୍ଚିତ ଦୁର୍ଗମ ଅଞ୍ଚଳରେ ପୋଷଣ ସେବା ଯୋଗାଇ ଦିଆଯାଉଛି । ଏହା ବ୍ୟତୀତ ୧୨୩ ଟି ଗ୍ରାମରେ ଶତାଧିକ ଶିଶୁ ଅବହେଳିତ ଅବସ୍ଥାରେ ଥିବାରୁ କର୍ମଶାଳାରେ ଉଦ୍‌ବେଗ ପ୍ରକାଶ ପାଇଥିଲା । ଏଥିସହ ପୋଷଣ ସେବାର ସମ୍ପ୍ରସାରଣ ପାଇଁ ମତ ରଖିଥିଲେ। ରାଜ୍ୟ ସଂଯୋଜକ ଭୃଗୁନନ୍ଦନ ରଥ, ଜିଲା ସଂଯୋଜକ ଅନନ୍ତ କୁମାର ସାମନ୍ତ, ପ୍ରକଳ୍ପ ସଂଯୋଜକ ଡଃ ଚନ୍ଦନ କୁମାର ସିଂହ ଏବଂ ଜିୟା ଉଦିନ୍ ଖାନ୍ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ଶ୍ରୀଧର କରଡା, ଜିଲା ପରିଷଦ ସଭ୍ୟ ରାମଚନ୍ଦ୍ର ବେହେରା, ବ୍ଲକ ଉପାଧକ୍ଷା ଧର୍ମିଷ୍ଠା ସାମନ୍ତ, ପୂର୍ବତନ ଜିଲା ଉନ୍ନୟନ ପରିଷଦ ଅଧକ୍ଷ ଜଗନ୍ନାଥ ନୁନ୍ଦ୍ରୁକା, ଶିକ୍ଷାବିତ୍ ବିରଞ୍ଚିନାରାୟଣ ଜେନା, ପି. ସୁଧାକର ପାତ୍ର, ହୃଷୀକେଶ ଜାଲି, ତ୍ରିପତି ମିର୍ଦ୍ଧା, ମନୋରଞ୍ଜନ ଦଳାଇ ମଞ୍ଚାସୀନ ଥିଲେ । ଏହି କାର୍ଯ୍ୟକୁ ସଫଳ କରିବା ପାଇଁ ଜନପ୍ରତିନିଧିମାନେ ଶପଥପାଠ କରିଥିଲେ ।

■ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର

# ୧୯ ବଦଳରେ ଅଛନ୍ତି ୭ ଡାକ୍ତର

ଗୁଣପୁର,୨୯।୧୧(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଏବେ ଦୟନୀୟ ସ୍ଥିତି। ଡାକ୍ତର ଅଭାବ ଯୋଗୁ ଅଞ୍ଚଳର ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏଥିପ୍ରତି ସ୍ୱାସ୍ଥ୍ୟ ବିଭାଗ ସହ ପ୍ରଶାସନ ଜାଣିଥିଲେ ମଧ୍ୟ କୌଣସି ପ୍ରତିକାର ଗ୍ରହଣ କରୁନାହାନ୍ତି । ଯାହାକୁ ନେଇ ଗୁଣପୁର ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଏହି କ୍ରମରେ ଗୁଣପୁର ନାଗରିକମାନଙ୍କ ପକ୍ଷରୁ ଏକ ଦାବିପତ୍ର ସିଡିଏମଓଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ଉପଜିଲାପାଳ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦରଙ୍କୁ ପ୍ରଦାନ କରାଯାଇଛି । ପ୍ରଦତ୍ତ ଦାବିପତ୍ରରେ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ଥିତି ନେଇ ଅବଗତ କରାଯାଇଛି । ଅବଶ୍ୟକ ସଂଖ୍ୟାରେ ଡାକ୍ତର ନ ଥିବାରୁ ଲୋକେ ରାୟଗଡା ଏବଂ ପାରଳାଖେମୁଣ୍ଡି ଉପରେ ନିର୍ଭର କରୁଛନ୍ତି । ଗରିବ ଲୋକେ ଦୂରସ୍ଥାନକୁ ଯାଇ ଅଧିକା ଖର୍ଚ୍ଚାନ୍ତ ହେଉଛନ୍ତି । ଏଠାରେ ୧୯ ଡ଼ାକ୍ତର ବଦଳରେ ବର୍ତ୍ତମାନ ମାତ୍ର ୭ ଜଣ ଅଛନ୍ତି । ସୁପରିଚାଳନା ପାଇଁ ୧୦ ଜଣ ଡାକ୍ତର କାର୍ଯ୍ୟ କରିବା ନିହାତି ଦରକାର ବୋଲି ନାଗରିକ କମିଟି ପକ୍ଷରୁ ଦାବି କରାଯାଇଛି । ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁରୋଗ ବିଶେଷଜ୍ଞଙ୍କ ସହ ସ୍ତ୍ରୀ ପ୍ରସୁତି ବିଶେଷଜ୍ଞ,ଚକ୍ଷୁ, ଅର୍ଥୋପେଡିକ, ପାଥୋଲୋଜି, ଆନେସ୍ଥେସିଆ ଭଳି ବିଶେଷଜ୍ଞ ଡାକ୍ତର ପଦବୀ ଖାଲି ପଡିଛି। ତୁରନ୍ତ ଡ଼ାକ୍ତର ନିଯୁକ୍ତିଦିଗରେ ପଦକ୍ଷେପ ନିଆଯାଉ ବୋଲି ଦାବି କରାଯାଇଛି। ମାସକ ମଧ୍ୟରେ ଦାବି ପୂରଣ ନ ହେଲେ ଅନଶନ କରିବେ ବୋଲି ନାଗରିକ କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି । ଦାବିପତ୍ର ପ୍ରଦାନ ସମୟରେ ୱାଇ.ଗଣପତି, ଶ୍ରୀନିବାସ ସ୍ୱାଇଁ, ପି.ବାବୁରାଓ, ଫାଲଗୁନି ଶବର, ଗୋପାଳକୃଷ୍ଣ ଦେଓପାତ୍ର, ଭଗବାନ ଚୌଧୁରୀ, ସନ୍ତୋଷ ସୁବୁଦ୍ଧି, ଜାମିଆ ନନ୍ଦା, ଈଶ୍ୱର ଗମାଙ୍ଗ, ୱାଇସାନ ମୁଖା, ନୀଳକଣ୍ଠ ମହାପାତ୍ର, ଜଗଦୀଶ ପଣ୍ଡା, ବରୁଣ ହୁଇକା ପ୍ରମୁଖ ଉପସ୍ଥିତ ଥିଲେ ।



ନାଗରିକ କମିଟି ପକ୍ଷରୁ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

■ଅଧିକ ଡାକ୍ତର ନିଯୁକ୍ତି ନ ହେଲେ ଆନ୍ଦୋଳନ ଚେତାବନୀ

■ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର




# ଠକ୍କରବାପା ଜୟନ୍ତୀ ପାଳିତ

ମୁନିଗୁଡ଼ା,୨୯।୧୧(ଡି.ଏନ୍.ଏ.)

ରାୟଗଡ଼ା ଜିଲାର ହାଟମୁନିଗୁଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଠକ୍କରବାପାଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏଥିରେ ପ୍ରଧାନଶିକ୍ଷକ ଦେବେନ୍ଦ୍ର କୁମାର ପଣ୍ଡା ଅଧକ୍ଷତା କରିଥିଲେ । ହିନ୍ଦୀ ଶିକ୍ଷକ ଲକ୍ଷ୍ମୀନାରାୟଣ ବିହାରୀଙ୍କ ସଂଯୋଜିତ ଉକ୍ତ ଉତ୍ସବରେ ସାମାଜିକ କର୍ମୀ ଡ. ଗୌରାଙ୍ଗ ଚରଣ ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଠକ୍କର ବାପାଙ୍କ ଜୀବନାଦର୍ଶ ଓ ଦୂରଦୃଷ୍ଟି ସମ୍ପର୍କରେ ଆଲୋକପାତ କରିଥିଲେ । ଠକ୍କରବାପାଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ, ପ୍ରଦୀପ ପ୍ରଜ୍ୱଳନ ପରେ ଛାତ୍ରୀ ସୁଶ୍ରୀ ଲିପା କୌଶଲ୍ୟା, ବେଲୁସା ହିଆଲ, ସୁଭଦ୍ରା ହିକ୍‌କା, ଅମିତା ହିକ୍‌କା, ପୂର୍ଣ୍ଣିମା ପିଡିକାକା ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ସର୍ବଧର୍ମ ପ୍ରାର୍ଥନା ସଭା ପରେ ସୁନୀତା ହିକ୍‌କା, ମାନସୀ ନାଗ, ଜିମ୍ଦ ରାଡିକା, ପୂର୍ଣ୍ୟବତୀ ହୁଇକା, ରିଙ୍କି କୁଲେସିକା, ସ୍ନୋପୀ ବାଗ, କଳ୍ପନା ତୁଇକା, ଅମ୍ବିକା ମାଉସିକା, ସରମୀତା ହିକ୍‌କା, ବାସନ୍ତୀ ହିକ୍‌କା, ଲିପା କୌଶଲ୍ୟା ଛାତ୍ରୀଙ୍କ ସମେତ ସହକାରୀ ଶିକ୍ଷକ ରାମଗୋବିନ୍ଦ ପାଢ଼ୀ, ରାଧାକାନ୍ତ ଆଚାର୍ଯ୍ୟ ପ୍ରମୁଖ ଠକ୍‌ର ବାପାଙ୍କ ସ୍ମୃତିଚାରଣ କରିଥିଲେ । ମୁନିଗୁଡ଼ା ସରକାରୀ ବାଳିକା ହାଇସ୍କୁଲରେ ଅନୁରୂପ ଭାବେ ପ୍ରଧାନଶିକ୍ଷକ ସତ୍ୟନାରାୟଣ ପାତ୍ରଙ୍କ ପୌରୋହିତ୍ୟରେ ଠକ୍କର ବାପାଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା ।

# ଜିଲାସ୍ତରୀୟ ଯୁବ ମହୋତ୍ସବ ଉଦ୍‌ଯାପିତ

ରାୟଗଡ଼ା ଅଫିସ,୨୯।୧୧

ରାୟଗଡ଼ା ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ୨୫ତମ ଜିଲାସ୍ତରୀୟ ଯୁବ ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ସ୍ଥାନୀୟ ଲାୟନ୍ସ କ୍ଲବଠାରେ ଆୟୋଜିତ ଏହି ଉତ୍ସବରେ ରାୟଗଡ଼ା ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଶବର ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଭାପତି ଗୋପୀନାଥ ସାହୁ , ବକ୍ତା ଭାବେ ଜିଲା ଦୌଡ଼ କୁଦ ସଂଘ ସମ୍ପାଦକ ମନୋଜ କୁମାର ଗୌଡ଼ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମ ଜିଲା କ୍ରୀଡ଼ା ଅଧିକାରୀ ଶେଖ ଆଲି ନୁରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା । ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଉକ୍ତ କୃତୀ ପ୍ରତିଯୋଗୀ ରାଜ୍ୟସ୍ତରୀୟ ଯୁବ ମହୋତ୍ସବରେ ଅଂଶ ଗ୍ରହଣ କରିବେ।



ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି ।

## ନାଗାବଳୀ ନଦୀରେ ଛାତ୍ର ନିଖୋଜ

ରାୟଗଡ଼ା ଅଫିସ , ୨୯।୧୧

ରାୟଗଡ଼ାସ୍ଥିତ ସାଇ ପ୍ରିୟା ନଗରର ଜଣେ ଛାତ୍ର ନାଗାବଳୀ ନଦୀରେ ନିଖୋଜ ହୋଇଯାଇଛନ୍ତି । ସେ ହେଲେ ଏମ. ଭାନୁ ତେଜ । ଖବରପାଇ ଅଗ୍ନିଶମ କର୍ମଚାରୀ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ । ହେଲେ ଅନ୍ଧାର ଯୋଗୁ ଉଦ୍ଧାର କାର୍ଯ୍ୟ ହୋଇପାରି ନାହିଁ। ନଦୀ ନିକଟରେ ଭାନୁତେଜଙ୍କ ଚପଲ ଓ ବାଇକକୁ ଉଦ୍ଧାର କରାଯାଇଛି । ଶୁକ୍ରବାର ଭାନୁ ତାଙ୍କର ଜଣେ ସାଙ୍ଗଙ୍କ ସହ ଝୁଲାପୋଲ ନିକଟକୁ ବୁଲିବାକୁ ଯାଇଥିଲେ । ଏହି ସମୟରେ ଭାନୁ ଶୌଚ ହେବାକୁ ନଦୀ ନିକଟକୁ ଯାଇଥିଲେ। ସାଙ୍ଗ ଜଣକ ବହୁତ ସମୟ ଅପେକ୍ଷା କରିଥିଲେ ମଧ୍ୟ ସେ ଫେରି ନ ଥିଲେ । ପରେ ତାଙ୍କର ଜୋତା ଓ ବାଇକ୍ ନଦୀ କୂଳରେ ଥିବା ଦେଖିବାକୁ ପାଇଥିଲେ । ସେ ଶୌଚ ହେବାକୁ ନଦୀ ଭିତରକୁ ଯାଇ ବୁଡ଼ି ଯାଇଥିବା ସନ୍ଦେହ କରି ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ । ପରିବାର ଲୋକେ ଆଖପାଖରେ ଖୋଜିଥିଲେ ମଧ୍ୟ କୌଣସି ପତ୍ତା ପାଇ ନ ଥିଲେ । ପରେ ତାଙ୍କ ପରିବାର ଲୋକେ ରାୟଗଡ଼ା ଟାଉନ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଏକ ମାମଲା ରୁଜୁ କରି ଘଟଣାସ୍ଥଳରେ ପହଞ୍ଚିଥିଲା ।




# ଚକ୍ଷୁ ଚିକିତ୍ସା କେନ୍ଦ୍ର ଉଦ୍‌ଘାଟିତ

ଟିକିରି, ୨୯।୧୧ (ଡି.ଏନ୍.ଏ.)

କାଶୀପୁର ବ୍ଲକସ୍ଥିତ ଉତ୍କଳ ଆଲୁମିନାର ଓଷାପଡାସ୍ଥିତ ଉତ୍କଳ ହସ୍ପିଟାଲରେ ଶୁକ୍ରବାର ପ୍ରାଥମିକ ଚକ୍ଷୁ ଚିକିତ୍ସା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଉତ୍କଳ ଆଲୁମିନାର ୟୁନିଟ୍ ମୁଖ୍ୟ ଏନ୍ ନାଗେଶ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଠାରେ ମାଗଣାରେ ଚକ୍ଷୁ ଚିକିତ୍ସା କରାଯାଇ ଆବଶ୍ୟକ ସ୍ଥଳେ ଉଚିତ ମୂଲ୍ୟରେ ଚଷମା ଯୋଗାଇ ଦିଆଯିବ। ପ୍ରତିଦିନ ସକାଳ ୯ଟାରୁ ସଂଧ୍ୟା ୬ଟା ମଧରେ ଚକ୍ଷୁ ସମସ୍ୟା ନେଇ ଚିକିତ୍ସା କରାଯିବ । ସେହିପରି ଗରିବ ଶ୍ରେଣୀର ଲୋକଙ୍କ ଚକ୍ଷୁ ଅସ୍ତ୍ରୋପଚାର ମାଗଣାରେ କରାଯିବ । ଉତ୍କଳ ଆଲୁମିନା ଏଚ୍‌ଆର ଆଇଆଇ ଏବଂ ମେଡିକାଲ ବିଭାଗରୁ ଟିଏମ୍ ପ୍ରକାଶ, ହସ୍ପିଟାଲ ଡିଏମ୍ ଡା. ରବିନ୍ଦ୍ର ରାୟ ଚୌଧୁରୀ ଜି. ଉମାଶଙ୍କର ସହିତ ମିଶନ ବାର ଭିଜନର ସିନିୟର ମ୍ୟାନେଜର ଶୁଭ୍ରକାନ୍ତି ଭଟ୍ଟାଚାର୍ଯ୍ୟ, ଅମିତ ମଣ୍ଡଳ, ଦାମୋଦରଙ୍କ ସହିତ ଏଲଭି ପ୍ରସାଦ ଚକ୍ଷୁ ଚିକିତ୍ସାଳୟ ଉପ ନିର୍ଦ୍ଦେଶକ ନିରଞ୍ଜନ କୁମାର, ରାୟଗଡ଼ା ସେଣ୍ଟର ପ୍ରଶାସକ ଦିନେଶ କୁମାର ଏବଂ ଦେବାଶିଷ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।



ଅତିଥିମାନେ ଚକ୍ଷୁ ଚିକିତ୍ସା କେନ୍ଦ୍ରକୁ ଉଦ୍‌ଘାଟନ କରୁଛନ୍ତି ।




# ୮.୯୦ ଲକ୍ଷ କୁଇଣ୍ଟାଲ ଧାନ କ୍ରୟ ଲକ୍ଷ୍ୟ

ରାୟଗଡ଼ା ଅଫିସ ,୨୯।୧୧

ରାୟଗଡ଼ା ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ରାୟଗଡ଼ାରେ ଧାନ ମଣ୍ଡି ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ଜିଲାପାଳ ପ୍ରମୋଦ କୁମାର ବେହେରା ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଠାରେ ୨୦୧୯ -୨୦ ଖରିଫ ଋତୁରେ ଅମଳ ହୋଇଥିବା ଧାନର କ୍ରୟ କରାଯିବ । ଚାଷୀମାନଙ୍କ ପାଇଁ ରାୟଗଡ଼ା ଉପଖଣ୍ଡରେ ୧୪ଟି ଧାନ ମଣ୍ଡି ଖୋଲାଯାଇଛି । ୮ ଲକ୍ଷ ୯୦ ହଜାର କୁଇଣ୍ଟାଲ ଧାନ କ୍ରୟ କରିବା ଲାଗି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ରାୟଗଡ଼ାରେ ବର୍ଷା ଢ଼େରିରେ ହେବା ଯୋଗୁ ଚାଷୀମାନେ ଚାଷ କାମରେ ବ୍ୟସ୍ତ ଥାଇ ନିର୍ଦ୍ଧାରିତ ସ୍ଥାନକୁ ଆସି ରେଜିଷ୍ଟ୍ରେଶନ କରିପାରିନାହାନ୍ତି । ଜିଲାରେ ପ୍ରାୟ ୫୩୦୦୦ ଚାଷୀ ଥିବାବେଳେ ୧୬୪୧୬ ଜଣଙ୍କ ରେଜିଷ୍ଟ୍ରେଶନ ହୋଇଛି । ଉକ୍ତ କାର୍ଯ୍ୟକ୍ରମରେ ଉପ ଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ, ଡ଼ିଆରସିଏସ୍ ପ୍ରମୋଦ କୁମାର ସାହୁ ,ଆରଏମସି ସେକ୍ରେଟାରି ଭବାନୀ ଶଙ୍କର ଦାସ, ଭାରପ୍ରାପ୍ତ ସିଏସଓ ବ୍ରଜେନ୍ଦ୍ର କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ ଚାଷୀମାନେ ଉପସ୍ଥିତ ରହି ନିଜର ସମସ୍ୟାଗୁଡ଼ିକୁ ଅଧିକାରୀଙ୍କୁ ଅବଗତ କରାଇଥିଲେ ।

ସେହିପରି ଗୁଣପୁର ଆରଏମ୍‌ସି ପରିସରରେ ଧାନ ମଣ୍ଡି ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି । ଗୁଣପୁର ଉପଜିଲାପାଳ ତଥା ଆରଏମସିର ଅଧ୍ୟକ୍ଷ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଆରଏମସି ସମ୍ପାଦକ ବିନୋଦ ବିହାରୀ ପ୍ରଧାନ, ଲ୍ୟାମ୍ପସ ସଭାପତି ଗୌରୀ ଗମାଙ୍ଗ, ବରିଷ୍ଠ କୃଷକ କୃଷ୍ଣ ପ୍ରସାଦ ବେବର୍ତ୍ତାଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି, ଯୋଗାଣ ନିରୀକ୍ଷକ ,ମିଲ ମାଲିକ ଏବଂ ଲ୍ୟାମ୍ପର ଅଧିକାରୀମାନେ ଉପସ୍ଥିତ ଥିଲେ । ସେହିପରି କୋଲନରା ବ୍ଲକ ମୁକୁନ୍ଦପୁରଠାରେ ଶୁକ୍ରବାର କୋଲନରା ଲ୍ୟାମ୍ପ୍‌ସ ପକ୍ଷରୁ ଧାନ ମଣ୍ଡିର ଶୁଭାରମ୍ଭ ହୋଇଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କୋଲନରା ପଞ୍ଚାୟତ ସମିତି ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ କେ. ଶିବ ଗୋପାଳ ରାଓ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଏମ୍‌ଆଇ ସତ୍ୟନାରାୟଣ ଭୋଇ, ଲ୍ୟାମ୍ପ୍‌ସ ସଭାପତି ଶିବ ପ୍ରସାଦ ପିର୍ଦ୍ଦୀକା ଯୋଗଦେଇଥିଲେ। କୋଲନରା ଲ୍ୟାମ୍ପ୍ ପରିଚାଳନା ନିର୍ଦ୍ଦେଶିକା ସୌଦାମିନୀ ଆଚାର୍ଯ୍ୟ, ମୁକୁନ୍ଦପୁର ବ୍ରାଞ୍ଚ୍ ଇନ୍‌ଚାର୍ଜ କେ. ଗୌରୀ, ଚନ୍ଦ୍ର ଶେଖର ରାଓ, ସୁଶାନ୍ତ ଜିଲାକାରା ପ୍ରମୁଖ ଉପସ୍ଥିତ ଥିଲେ। ମୁକୁନ୍ଦପୁର ଅଞ୍ଚଳର ବହୁ ଚାଷୀ ଯୋଗଦେଇ ଧାନର ମୂଲ୍ୟ, ଏଫ୍‌ଏକ୍ୟୁ, ଧାନ ବିକ୍ରି ଟଙ୍କା କିପରି ଓ କେତେ ଦିନରେ ମିଳିବ ସେ ସମ୍ପର୍କରେ ପଚାରି ବୁଝିଥିଲେ।



ରାୟଗଡ଼ାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ଉଦ୍‌ବୋଧନ ଦେଉଛନ୍ତି ।



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ମାଲକାନଗିରିରେ ଭବାନୀ ପୂଜା

**ମାଲକାନଗିରି,୨୯।୧୧ (ଡି.ଏନ୍.ଏ.)-** ମାଲକାନଗିରି ସଦର ମହକୁମାରେ ଭବାନୀ ମାଳ କୁହାଯାଉଥିବା ଆଗ୍ନି ପୂଜା (ଅଗ୍ନିପୂଜା) ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ନାକଟିମା ମନ୍ଦିରଠାରେ ଆୟୋଜିତ ଏହି ଭବାନୀ ପୂଜାରେ ମା'ଦୁର୍ଗାଙ୍କୁ ସ୍ୱତନ୍ତ୍ର ଭାବେ ପୂଜାର୍ଚ୍ଚନା କରାଯାଇଥିଲା। ଦୁର୍ଗାଙ୍କ ଭବାନୀ ମାଳ ପକାଇଥିବା ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରି ସନ୍ଧ୍ୟାରେ ଏକ କଳସ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଏହି ପୂଜାରେ ସ୍ୱତନ୍ତ୍ର ଭାବେ ନିମନ୍ତ୍ରିତ ହୋଇ ତେଲଙ୍ଗାନା ଓ ଆନ୍ଧ୍ରପ୍ରଦେଶର ବହୁ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଏଥିରେ ଆୟାପ୍ପା ସ୍ୱାମୀ ଶ୍ରଦ୍ଧାଳୁମାନେ ମଧ ଯୋଗ ଦେଇଥିଲେ। ସ୍ୱତନ୍ତ୍ର ଭାବେ ଆଗ୍ନି ପୂଜା କରାଯାଇ ଅଗ୍ନି ମଧରେ ଭବାନୀ ଓ ଆୟାପ୍ପା ସ୍ୱାମୀ ଶ୍ରଦ୍ଧାଳୁମାନେ ଚାଲିଥିଲେ। ମାଲକାନଗିରି ସହରରେ ଶ୍ରଦ୍ଧାଳୁମାନେ ପ୍ରଥମ ଥର ଏହି ପୂଜା କରିଥିଲେ। ମାନସିକ ଧାରୀମାନେ ନିଜର ମାନସିକ ପୂରଣ ପାଇଁ ଆଗ୍ନି ପୂଜାରେ ଅଗ୍ନିରେ ଚାଲିବା ଦେଖିବାକୁ ମିଳିଥିଲା।

### ଝୋଟି ପ୍ରତିଯୋଗିତା

**କାଲିମେଳା ,୨୯।୧୧(ଡି.ଏନ.ଏ)-** ମାଲକାନଗିରି ଜିଲା କାଲିମେଳା ସମନ୍ୱିତ ଶିଶୁ ବିକାଶ ଯୋଜନା ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ପରସରରେ ଏକ ଝୋଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଏସଏସଜି ଗ୍ରୁପ୍‌ର ମହିଳା, ସ୍କୁଲ ଛାତ୍ରୀ, କଲେଜ ଛାତ୍ରୀଙ୍କ ସମେତ ଅନ୍ୟ ମହିଳାମାନେ ଭାଗ ନେଇଥିଲେ। ଯୋଗ ଦେଇଥିବା ୧୬ ଜଣ ପ୍ରତିଯୋଗୀ ସୁନ୍ଦର ଝୋଟି ଆଙ୍କିଥିଲେ। ସିଡିପିଓ ସନ୍ଧ୍ୟାରାଣୀ ନାୟକ ଉପସ୍ଥିତ ରହି ତଦାରଖ କରିଥିଲେ। ବ୍ଲକ ଅଧକ୍ଷ ମାଲା ମାଢ଼ି, ସୁପରଭାଇଜର ମଞ୍ଜୁବାଳା ମହାପାତ୍ର, ଓଡିଶା ଜୀବିକା ମିଶନ ବ୍ଲକ କୋର୍ଡିନେଟର ରୋଜାଲିନ ଦାସ, ବିପିନ ବିଶ୍ୱାସ, ଦୁଲାଲ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ଶକ୍ତିମୟୀ ଏସଏସଜି ଗ୍ରୁପର ମହେଶ୍ୱରୀ ବିଶ୍ୱାସ ପ୍ରଥମ, ମା' ମେରି ଏସଏସଜି ଗ୍ରୁପର ଏସ. ଲକ୍ଷ୍ମୀ ଦ୍ୱିତୀୟ ଏବଂ କାଲିମେଳା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସରସ୍ୱତୀ ବିଶ୍ୱାସ ତୃତୀୟ ହୋଇଥିଲେ। ଏହି କୃତୀ ପ୍ରତିଯୋଗୀମାନେ ଶନିବାର ହେବାକୁ ଥିବା ଜିଲା ସ୍ତରୀୟ ଝୋଟି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

# ଦାଦନ ଖଟିବାକୁ ଯାଇ ଯୁବକ ନିଖୋଜ
## ଥାନାରେ ଏତଲା ଦେଲେ ପରିବାର ଲୋକେ

**କାଲିମେଳା,୨୯।୧୧(ଡି.ଏନ.ଏ)**

ମାଲକାନଗିରି ଜିଲା ପଡିଆ ବ୍ଲକ ଏମଭି-୭୯ ଥାନା ଅନ୍ତର୍ଗତ ସିମିଳିବାଞ୍ଚା ପଞ୍ଚାୟତ ଏମପିଭି-୬୯ ଗ୍ରାମର ଜଣେ ଯୁବକ ଆନ୍ଧ୍ରକୁ ଦାଦନ ଖଟିବାକୁ ଯାଇ ଆଜିକୁ ୯ ବର୍ଷ ହେଲା ନିଖୋଜ ହୋଇଯାଇଛନ୍ତି। ପରିବାର ଲୋକେ ସବୁଆଡେ ଖୋଜାଖୋଜି କରିବା ପରେ ଶେଷରେ ଥାନାର ଦ୍ୱାରସ୍ତ ହୋଇଛନ୍ତି। ନିଖୋଜ ଯୁବକ ଜଣକ ହେଲେ ଏମପିଭି-୬୯ ଗ୍ରାମର ଖଗେନ ମିସ୍ତ୍ରୀଙ୍କ ପୁଅ ଯୋଗେଶ ମିସ୍ତ୍ରୀ(୪୨)ତାଙ୍କ ମା' କାମିନି ମିସ୍ତ୍ରୀ ଏମଭି-୭୯ ଥାନାରେ ବୁଧବାର ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ୯।୧୯ରେ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ବୋଲି ଥାନା ଅଧିକାରୀ ମମତା ପାଣିଗ୍ରାହୀ କହିଛନ୍ତି। ଖବରରୁ ଜଣାପଡିଛି ଯୋଗେଶଙ୍କ ମାଆବାପା, ସ୍ତ୍ରୀ ଓ ଦୁଇ ପୁଅଙ୍କୁ ନେଇ ଯୋଗେଶଙ୍କ ପରିବାର। ରୋଜଗାର ଆଶରେ ଯୋଗେଶ ଆନ୍ଧ୍ରକୁ କାମ କରିବା ପାଇଁ ଯାଇଥିଲେ। ଯୋଗେଶ ନିଖୋଜ ହେବା ପରେ ପରିବାର ଲୋକେ ଚିନ୍ତାରେ ରହିଛନ୍ତି। ଘର ପରିସ୍ଥିତି ଏପରି ହୋଇଛି ଯେ, ଦୁଇ ପୁଅକୁ ଶାଶୁ ଶ୍ୱଶୁରଙ୍କ ପାଖରେ ଛାଡି ଯୋଗେଶଙ୍କ ସ୍ତ୍ରୀ ଏକ ସଂସ୍ଥାରେ କାର୍ଯ୍ୟ କରୁଛନ୍ତି। ଦୁଇ ପୁଅଙ୍କ ମଧ୍ୟରୁ ବଡ ପୁଅ ସପ୍ତମ ଶ୍ରେଣୀରେ ଏବଂ ସାନ ପୁଅ ତୃତୀୟ ଶ୍ରେଣୀରେ ପଢୁଛନ୍ତି। ସେମାନଙ୍କୁ ଭଲଭାବେ ପାଠ ପଢାଇବା ପାଇଁ ମଧ ପରିବାର ଲୋକେ ସକ୍ଷମ ହୋଇପାରୁନାହାନ୍ତି। ଜିଲା ପ୍ରଶାସନ ଏହି ପରିବାର ପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

### ଛାତ୍ରୀଛାତ୍ରଙ୍କ ଜଳବିଦ୍ୟୁତ କେନ୍ଦ୍ର ପରିଦର୍ଶନ

**କୋରୁକୋଣ୍ଡା, ୨୯।୧୧(ଡିଏନ.ଏ.)**

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ବାଲିମେଳା ସରକାରୀ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀରେ ଧନ୍ଦାମୂଳକ ଶିକ୍ଷା ଅଧ୍ୟୟନ କରୁଥିବା ୪୦ ଜଣ ଛାତ୍ରୀଛାତ୍ରମାନେ ଶୁକ୍ରବାର ବାଲିମେଳା ଜଳବିଦ୍ୟୁତ୍ କେନ୍ଦ୍ର ପରିଦର୍ଶନ କରିଥିଲେ। ପ୍ରଧାନଶିକ୍ଷକ ଅଜୟ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଶିକ୍ଷକ ସୁନିଲ କୁମାର ପ୍ରଧାନ, ସ୍ୱାଧୀନ କୁମାର ନାୟକ ଛାତ୍ରୀଛାତ୍ରଙ୍କ ନେଇ ଯାଇଥିଲେ। ବାଲିମେଳାରେ ଥିବା ଓଡିଶା ଜଳବିଦ୍ୟୁତ୍ କେନ୍ଦ୍ର ପରିଦର୍ଶନ କରିଥିଲେ। ଜଳବିଦ୍ୟୁତ କେନ୍ଦ୍ରର କନିଷ୍ଠ ପରିଚାଳକ ପଙ୍କଜ ସିଲ ଛାତ୍ରୀଛାତ୍ରଙ୍କୁ ବିଦ୍ୟୁତ ଉତ୍ପାଦନ ଓ ବିଦ୍ୟୁତ ସ୍ରୋତ ସମ୍ପର୍କରେ ବୁଝାଇଥିଲେ।

# ୩ କୁଇଣ୍ଟାଲ ୩୨ କେଜି ଗଞ୍ଜେଇ ଜବତ,୮ ଗିରଫ

**କୋରୁକୋଣ୍ଡା/ମାଲକାନଗିରି, ୨୯।୧୧ (ଡି.ଏନ୍.ଏ.)**

ମାଲକାନଗିରି ଜିଲାରେ ୨ଟି ସ୍ଥାନରୁ ଗୁରୁବାର ରାତିରେ ୩ କୁଇଣ୍ଟାଲ ୩୨ କେଜି ୫ଶହ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ପୋଲିସ ଓ ଅବକାରୀ ବିଭାଗ କର୍ମଚାରୀମାନେ ଜିଲାର କୋରୁକୋଣ୍ଡା ଅଞ୍ଚଳରୁ ଅଢେଇ କୁଇଣ୍ଟାଲ ଗଞ୍ଜେଇ ଜବତ କରିଥିବା ବେଳେ ମାଲକାନଗିରି ଅବକାରୀ ବିଭାଗ କର୍ମଚାରୀମାନେ ଏକ ଘରୋଇ ବସ୍‌ରୁ ୮୨ କେଜି ଗଞ୍ଜେଇ ଜବତ କରିଛନ୍ତି। ଏଥିରେ ସମ୍ପୃକ୍ତ ୮ଜଣଙ୍କୁ ଗିରଫ କରାଯାଇଛି। ଖବରରୁ ଜଣାପଡିଛି ଗୁରୁବାର ରାତିରେ ଗଞ୍ଜେଇ ଚୋରାଚାଲାଣ କରୁଥିବା ବେଳେ ମାଲକାନଗିରି ଜିଲା ଓର୍କେଲ ପୋଲିସ ଏହାକୁ ଧରିଛି। ୨କୁଇଣ୍ଟାଲ ୫ ୦୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତିମାନେ ହେଲେ ରବି ଖିଲ(୨୮), ଓ ସୀତାରାମ ଖିଲ(୩୦)। ଉଭୟଙ୍କ ଘର ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ନାକାମାମୁଡି ଗ୍ରାମରେ ବୋଲି ଜଣାପଡିଛି। ଖବରରୁ





ଗଞ୍ଜେଇ ଚୋରାଚାଲାଣରେ ସଂପୃକ୍ତ ଗିରଫ ବ୍ୟକ୍ତିମାନେ ।

ଜଣାପଡିଛି ଗଞ୍ଜେଇ ଚୋରା ଚାଲାଣ ଖବର ପାଇ ଓର୍କେଲ ପୋଲିସ ଗୁରୁବାର ଥାନାଧିକାରୀଙ୍କ ନିର୍ଦ୍ଦେଶରେ ଏସଆଇ କୃତ୍ତିବାସ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିଲା। ପରେ ଏହି ଟିମ୍ ବାଲିମେଳା-ଡାଇଙ୍ଗ- ୩ ମୁଖ୍ୟ ରାସ୍ତାର ଖଡ଼ିକାଙ୍ଗୁ ନିକଟରେ ଗାଡିମୋଟର ଯାଞ୍ଚ କରିଥିଲା। ଏହି ସମୟରେ ଦ୍ରୁତ ଗତିରେ ଆସୁଥିବା ଏକ ବୋଲେରୋ (ଓଆର ୨୪-୮୦୨୪)କୁ ପୋଲିସ ଅଟକାଇଥିଲା। ଯାଞ୍ଚ ସମୟରେ ସେଥିରୁ ଗଞ୍ଜେଇ ମିଳିଥିଲା। ୬ଟି ପ୍ୟାକେଟରେ ଉପରୋକ୍ତ ପରିମାଣର ଗଞ୍ଜେଇ ମିଳିଥିଲା। ଗିରଫ ୨ ଅଭିଯୁକ୍ତ ଏହି ଗଞ୍ଜେଇକୁ ଛତିଶଗଡ଼ର ସୁକୁମାକୁ ଚାଲାଣ କରୁଥିବା ପଚରାଉଚରା ବେଳେ କହିଛନ୍ତି ବୋଲି ତଦନ୍ତକାରୀ ଅଧିକାରୀ ନୀଳାଦ୍ରି ବିଶ୍ୱାଳ କହିଛନ୍ତି। ଜବତ ଗଞ୍ଜେଇର ମୂଲ୍ୟ ୫ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି। କେସ୍ ନଂ ୨୦୯/୧୯ରେ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ଜଗଦୀଶ ବାରା କହିଛନ୍ତି।

ସେହିପରି ମାଲକାନଗିରି ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ଏକ ଘରୋଇ ବସ୍‌ରୁ ୮୨ କେଜି ଗଞ୍ଜେଇ ଜବତ କରାଯାଇଛି। ଦିଲଖୁସ୍ ନାମକ ଏହି ଘରୋଇ ବସ୍ ଭୁବନେଶ୍ୱର ଯାଉଥିବା ବେଳେ ଚମ୍ପାଖାରୀଠାରେ ୩ଜଣ ମହିଳା ଓ ୩ଜଣ ପୁରୁଷ ୮୨ କେଜି ଗଞ୍ଜେଇ ଧରି ବସ୍‌ରେ ଚଢିଥିଲେ। କୌଣସି ସୂତ୍ରରୁ ଖବର ପାଇ ଅବକାରୀ ବିଭାଗ କର୍ମଚାରୀ ପାଣ୍ଡ୍ରିପାଣିଠାରେ ଏହି ବସ୍‌କୁ ଅଟକାଇ ସମସ୍ତଙ୍କ ବ୍ୟାଗ ଯାଞ୍ଚ କରିଥିଲେ। ବସ୍‌ରେ ଥିବା ୬ଜଣ ଯାତ୍ରୀଙ୍କ ବ୍ୟାଗରୁ ୮୨ କେଜି ଗଞ୍ଜେଇ ଜବତ କରିଥିଲେ। ସମ୍ପୃକ୍ତ ୬ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଉକ୍ତ ଗଞ୍ଜେଇ ସେମାନେ ବାଂଲାଦେଶ ଚାଲାଣ କରୁଥିଲେ ବୋଲି ପଚରାଉଚରା ବେଳେ ପ୍ରକାଶ କରିଛନ୍ତି। ଜବତ ଗଞ୍ଜେଇର ବଜାର ମୂଲ୍ୟ ୭ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ଅଧୀକ୍ଷକ ଅଶୋକ କୁମାର ସେଠ କହିଛନ୍ତି। ଶୁକ୍ରବାର ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।



ବିଦ୍ୟାଳୟ କାନ୍ଥରେ ଅଙ୍କାଯାଇଥିବା ଲୋକ ସଭା ଭବନର ଚିତ୍ର ।

### ■ ରେଳଗାଡ଼ି,ଉଡାଜାହାଜ ପରେ
# ଏବେ ବିଦ୍ୟାଳୟ କାନ୍ଥରେ ଲୋକ ସଭା ଚିତ୍ର

**ମାଲକାନଗିରି,୨୯।୧୧ (ଡି.ଏନ୍.ଏ.)–** ମାଲକାନଗିରି ଜିଲାରେ ରେଳଗାଡି ଓ ଉଡାଜାହାଜ ଚିତ୍ର ବିଦ୍ୟାଳୟ କାନ୍ଥରେ ପୂର୍ବରୁ ଚିତ୍ରିତ କରାଯାଇ ଛାତ୍ରୀଛାତ୍ରଙ୍କୁ ଆକୃଷ୍ଟ କରାଯାଇଥିଲା। ଏହାକୁ ନେଇ ବିଭିନ୍ନ ଗଣମାଧ୍ୟମ ଚର୍ଚ୍ଚା ହୋଇଥିଲା। ବର୍ତ୍ତମାନ ବିଦ୍ୟାଳୟ କାନ୍ଥରେ ପାର୍ଲାମେଣ୍ଟ ଭବନର ଚିତ୍ର ଅଙ୍କାଯାଇ ଛାତ୍ରୀଛାତ୍ରଙ୍କୁ ଆକୃଷ୍ଟ କରାଯାଇଛି। ଜିଲା ସଦର ବ୍ଲକସ୍ଥିତ ଚଲାଣଗୁଡା କସ୍ତୁରବା ଗାନ୍ଧୀ ବିଦ୍ୟାଳୟରେ ଏପରି ଦେଖିବାକୁ ମିଳିଛି। ବିଦ୍ୟାଳୟ କାନ୍ଥକୁ ସୁନ୍ଦର ଭାବେ ପାର୍ଲାମେଣ୍ଟ ଭଳି ତିଆରି କରାଯାଇଛି। ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ଗଣତନ୍ତ୍ରର ଏହି ମନ୍ଦିରରେ ଭାରତର ବିଭିନ୍ନ ରାଜ୍ୟରୁ ଏମ୍‌ପିମାନେ କିଭଳି ନିର୍ବାଚିତ ହୋଇ ଆସନ୍ତି, ମନ୍ତ୍ରିମଣ୍ଡଳ କିପରି ଗଠିତ ହୁଏ। ବାଚସ୍ପତି, ଉପବାଚସ୍ପତି କିପରି ନିର୍ବାଚିତ ହୁଅନ୍ତି ଏବଂ ବିଭିନ୍ନ ଅଧିବେଶନ କିପରି ଚାଲେ ସେ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଯାଉଛି। ଦେଶର ଗଣତନ୍ତ୍ରକୁ ପ୍ରତ୍ୟକ୍ଷ ଭାବରେ ପିଲାମାନେ ଜାଣିବା ପାଇଁ ଏଭଳି କରାଯାଇଥିବା ପ୍ରଧାନ ଶିକ୍ଷୟିତ୍ରୀ କହିଛନ୍ତି। ଏହାକୁ ଦେଖିବାକୁ ଆଖପାଖ ଅଞ୍ଚଳ ବିଦ୍ୟାଳୟର ବହୁ ଛାତ୍ରୀଛାତ୍ରମାନେ ଆସୁଥିବା ଜଣାପଡିଛି।

### ■ ମିଶନ ଇନ୍ଦ୍ରଧନୁ କାର୍ଯ୍ୟକ୍ରମ
# ସ୍ୱାଭିମାନ ଅଞ୍ଚଳରେ ଟିକାକରଣ ପାଇଁ ବୋଟ୍ ବ୍ୟବସ୍ଥା

**ମାଲକାନଗିରି,୨୯।୧୧ (ଡି.ଏନ୍.ଏ.)**

ଚଳିତ ବର୍ଷ ରାଜ୍ୟ ସରକାର ୬ଟି ଜିଲାରେ ମିଶନ ଇନ୍ଦ୍ରଧନୁ କାର୍ଯ୍ୟକ୍ରମ ମାଧ୍ୟମରେ ଶିଶୁମାନଙ୍କ ଟିକାକରଣ କରିବେ। ମାଲକାନଗିରି ଜିଲାରେ କିପରି ଶିଶୁମାନଙ୍କୁ ଟିକାକରଣ କରାଯିବ ସେନେଇ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରା ଯାଇଛି। ମୁଖ୍ୟ ଜନସ୍ୱାସ୍ଥ୍ୟ ବିଭାଗ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜିଲାପାଳଙ୍କ ସହ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଭିଡିଓ କନଫରେନ୍ସ ମାଧ୍ୟମରେ ଏହା କିପରି କାର୍ଯ୍ୟକାରୀ ହେବ ତାହା ଅବଗତ କରାଯାଇଥିଲା। ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ ଜିଲାର ସହର ଏବଂ ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ପ୍ରତ୍ୟେକ ଘର ବୁଲି ଆଶା ଓ ଅଙ୍ଗନୱାଡି କର୍ମୀଙ୍କ ଗର୍ଭବତୀ ମହିଳା, ୦ ରୁ ୨ ବର୍ଷ ବୟସର ଶିଶୁଙ୍କୁ ଚିହ୍ନଟ କରାଯାଇଛି। ୪୨୩ ଗର୍ଭବତୀ ମହିଳା ଏବଂ ୨୨୫୮ ଶିଶୁଙ୍କୁ ଟିକାକରଣ କରାଯିବ। ସ୍ୱାଭିମାନ ଅଞ୍ଚଳରେ ଗମନାଗମନ ସୁବିଧା ନ ଥିବାରୁ ସ୍ୱାସ୍ଥ୍ୟକର୍ମୀ, ନୋଡାଲ ଅଧିକାରୀମାନେ ଯାତାୟାତ ପାଇଁ ୩ଟି ସ୍ୱତନ୍ତ୍ର ଲଞ୍ଚ ବ୍ୟବସ୍ଥା କରାଯାଇଛି। ଏତଦ୍‌ବ୍ୟତୀତ ଯେଉଁମାନେ ପଞ୍ଜୀକୃତ ହୋଇନାହାନ୍ତି ସେମାନଙ୍କୁ ପଞ୍ଜୀକୃତ କରାଯିବ। ଏଥିପାଇଁ ନିୟୋଜିତ ହେବାକୁ ଥିବା କର୍ମଚାରୀଙ୍କୁ ତାଲିମ ପ୍ରଦାନ କରାଯାଇଛି। ଆସନ୍ତା ୩୦ରୁ ଏକ ସପ୍ତାହ ବ୍ୟାପୀ ଏହି କାର୍ଯ୍ୟକ୍ରମ ଚାଲିବ ବୋଲି ଏକ ଖବରଦାତା ସମ୍ମିଳନୀରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଅଜୟ କୁମାର ବୈଠାରୁ କହିଛନ୍ତି।


## ଖରିଫ ଧାନ ସଂଗ୍ରହ, ୨୦୧୯-୨୦

## ସୂଚନା

୧. କେଉଁ ତାରିଖରେ କେଉଁ ପଞ୍ଜୀକୃତ ଚାଷୀ କେତେ ପରିମାଣର ଧାନ ମଣ୍ଡିକୁ ଆଣିବେ, ସେଥିପାଇଁ ସେମାନଙ୍କୁ ଆଗୁଆ SMS ବାର୍ତ୍ତା ମାଧ୍ୟମରେ ଜଣାଇ ଦିଆଯାଉଛି। ଏହି ତଥ୍ୟ ମଧ ସୋସାଇଟି/ନିକଟସ୍ଥ କଣ୍ଟ୍ରୋଲ ଦୋକାନରେ ଉପଲବ୍ଧ କରାଯାଉଛି।

୨. ଅମଳ କରିସାରିଥିବା ବା କରିବାକୁ ଯାଉଥିବା ଚାଷୀଙ୍କ ତଥ୍ୟକୁ ନିର୍ଭର କରି ଟୋକେନ ପ୍ରସ୍ତୁତ କରାଯାଉଛି। ଏହି ତଥ୍ୟ ସୋସାଇଟି କର୍ତ୍ତୃପକ୍ଷ ପ୍ରଦାନ କରୁଛନ୍ତି।

୩. ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ସବୁ ବର୍ଗର ଚାଷୀ – କ୍ଷୁଦ୍ର, ମଧ୍ୟମ, ବଡ଼ – ଚାଷୀମାନଙ୍କୁ ସୁଯୋଗ ଦିଆଯାଉଛି।

୪. ପଞ୍ଜୀକୃତ ଚାଷୀମାନଙ୍କଠାରୁ ଘୋଷିତ ଅମଳ ହାର ଅନୁସାରେ ସମସ୍ତ ବଳକା ଧାନ କ୍ରୟ କରାଯିବ।

୫. ନିର୍ଦ୍ଧାରିତ ତାରିଖରେ ମଣ୍ଡିକୁ ଧାନ ନ ଆଣି ପାରିଲେ ପରବର୍ତ୍ତୀ ସମୟରେ ମଧ ଚାଷୀଙ୍କୁ ଧାନ ବିକ୍ରି ପାଇଁ ସୁଯୋଗ ଦିଆଯିବ।

୬. ଚାଷୀମାନଙ୍କୁ ଟୋକେନ ପାଇଁ କ୍ରୟକାରୀ ସୋସାଇଟି ନିକଟକୁ ବାରମ୍ବାର ଦୌଡିବାକୁ ପଡିବ ନାହିଁ।

୭. ଚଳିତ ବର୍ଷ ଚାଷୀଙ୍କର ପରିଚୟ ଆଧାର ପ୍ରମାଣୀକରଣ ବ୍ୟବସ୍ଥାରେ କରାଯାଉଛି। ବୃଦ୍ଧ, ରୋଗଗ୍ରସ୍ତ ବା ଅକ୍ଷମ ବ୍ୟକ୍ତିମାନେ, ଆଧାର ପ୍ରମାଣୀକରଣ ପାଇଁ ମଣ୍ଡିରେ ଉପସ୍ଥିତ ନ ରହିପାରିଲେ ମଧ ସେମାନଙ୍କ ଧାନ କ୍ରୟ କରାଯିବ।

୮. ଏହା ମଣ୍ଡି ସ୍ତରରେ ଧାନ କ୍ରୟ ବିକ୍ରୟ କାର୍ଯ୍ୟକଳାପକୁ ଶୃଙ୍ଖଳିତ କରିବ ଏବଂ ଚାଷୀଙ୍କୁ ଅନିଶ୍ଚିତତା ଓ ଆଶଙ୍କାରୁ ମୁକ୍ତ କରିବ।

୯. ଧାନ ସଂଗ୍ରହ କାର୍ଯ୍ୟକୁ ସ୍ୱଚ୍ଛତା, ଶୃଙ୍ଖଳା ଓ ପାରଦର୍ଶିତା ସହ ସମ୍ପାଦନ କରିବା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ।

୧୦. ଧାନ କ୍ରୟ ବିକ୍ରୟ ବାବଦରେ କୌଣସି ଅଭିଯୋଗ ଦରଜ କରିବାକୁ ଚାହିଁଲେ ନିଃଶୁଳ୍କ ହେଲ୍ପଲାଇନ୍ ନମ୍ବର ୧୯୬୭ ସହ ଯୋଗାଯୋଗ କରନ୍ତୁ।



ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ

